# NATIONAL NEWS BULLETIN (ODIA)
## 27 December - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ଗୋଆ, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡକୁ ଆଜିଠାରୁ ୪ ଦିନିଆ ଗସ୍ତରେ ରାଷ୍ଟ୍ରପତି ।
- ଜାତୀୟ ଉପଭୋକ୍ତା ହେଲ୍ପଲାଇନ୍ ମାଧମରେ ୩୧ଟି ବିଭିନ୍ନ ବର୍ଗରେ ଫେରସ୍ତ ହୋଇଛି ୪୫ କୋଟି ଟଙ୍କା ।
- ପ୍ରବଳ ଶୀତ ଏବଂ ବରଫଝଡ଼ ଯୋଗୁଁ ଆମେରିକାରେ ୧୬୦୦ ବିମାନ ଉଡ଼ାଣ ବାତିଲ ।

ଏବଂ

- ଓଡ଼ିଶା ସମେତ ଉତ୍ତରପୂର୍ବାଞ୍ଚଳର କେତେକ ଅଞ୍ଚଳରେ ଆସନ୍ତା ପହିଲା ପର୍ଯ୍ୟନ୍ତ ଘନକୁହୁଡ଼ି ଦେଖାଦେବା ନେଇ ଅନୁମାନ କଲା ପାଣିପାଗ ବିଭାଗ ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ୧୨୯ ତମ ମନ କି ବାତ୍ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଗୋଆ, କର୍ଣ୍ଣାଟକ ଏବଂ ଝାଡ଼ଖଣ୍ଡ ୪ ଦିନିଆ ଗସ୍ତରେ ଯାଉଛନ୍ତି । ଆଜି ଗୋଆରେ ପହଞ୍ଚିବା ପରେ ଆସନ୍ତାକାଲି ରାଷ୍ଟ୍ରପତି କର୍ଣ୍ଣାଟକ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଉତ୍ତର କର୍ଣ୍ଣାଟକର କରୱାର୍ ସ୍ଥିତ ଆଇ.ଏନ୍.ଏସ୍. କଦମ୍ବ ନୌସେନାଘାଟି ପରିଦର୍ଶନ କରିବେ । ଖାର୍‌ୱାର୍ ବନ୍ଦରରୁ

ବୁଡ଼ାଜାହାଜରେ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଯାତ୍ରା କରିବାରେ ରାଷ୍ଟ୍ରପତି ମୁର୍ମୁ ଡକ୍ଟର ଏ.ପି.ଜି. ଅବଦୁଲ୍ କଲାମଙ୍କ ପରେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହେବେ । ୨୦୦୬ ମସିହାରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର କଲାମ୍ ବିଶାଖାପାଟଣାଠାରେ ଏକ ନୌସେନା ବୁଡ଼ାଜାହାଜରେ ଯାତ୍ରା କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ଆସନ୍ତା ସୋମବାର ଦିନ ରାଷ୍ଟ୍ରପତି ଝାଡ଼ଖଣ୍ଡର ଜାମସେଦପୁରଠାରେ ଅଲ୍ ଚିକି ଭାଷାର ଶତବାର୍ଷିକୀ ସମାରୋହରେ ଯୋଗ ଦେବେ ।

## ପିଏମ୍-ଚିଫ୍ ସେକ୍ରେଟେରିଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ପଞ୍ଚମ ଜାତୀୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଛି । ଆସନ୍ତାକାଲି ମଧ୍ୟ ଶ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏହି ତିନିଦିନିଆ ସମ୍ମିଳନୀ ଜାତୀୟ ବିକାଶକୁ ପ୍ରାଥମିକତା ପ୍ରଦାନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସମନ୍ୱିତ ସହଯୋଗକୁ ଅଧିକ ସୁଦୃଢ଼ କରିବାରେ ଏହି ସମ୍ମିଳନୀ ଏକ ଦୃଢ଼ ମଞ୍ଚ ପ୍ରଦାନ କରୁଛି । ଦେଶର ମାନବ ସମ୍ବଳ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ସହ ଅନ୍ତର୍ଭୁକ୍ତି, ଭବିଷ୍ୟତ ପାଇଁ ପ୍ରସ୍ତୁତି ଅଭିବୃଦ୍ଧି ସଂକ୍ରାନ୍ତ ଉଭୟ ରାଜ୍ୟ ଓ କେନ୍ଦ୍ର ଏକୀକୃତ ଚିଠା ପ୍ରସ୍ତୁତ କରିବାରେ ଏହି ମଞ୍ଚ ଉପଯୋଗୀ ସାବ୍ୟସ୍ତ ହେବ ।

ସହଯୋଗମୂଳକ ସଂଘୀୟ ଦୃଷ୍ଟିକୋଣକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ । ବିକଶିତ ଭାରତ ପାଇଁ ମାନବ ସମ୍ବଳ ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ପଦକ୍ଷେପ ଗୁଡ଼ିକ ସଂପର୍କରେ ଅନ୍ୟମାନଙ୍କୁ ଅବଗତ କରାଯିବା ସହ ଏହାକୁ ଆପଣାଇବାରେ ମାର୍ଗଦର୍ଶନ ଉପରେ ସମ୍ମିଳନୀରେ ମତ ବିନିମୟ ହେଉଛି ।

ସମ୍ମିଳନୀ ଅବସରରେ ବିଭିନ୍ନ ପ୍ରସଙ୍ଗ ଆଧାରିତ ୬ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟସଚିବ, ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

## ନ୍ୟାସନାଲ୍ କଞ୍ଜୁମର୍ ହେଲ୍ପଲାଇନ୍

ଜାତୀୟ ଉପଭୋକ୍ତା ହେଲ୍ପଲାଇନ୍ ମାଧ୍ୟମରେ ୩୧ଟି ବିଭିନ୍ନ ବର୍ଗରେ ୪୫ କୋଟି ଟଙ୍କା ଫେରସ୍ତ କରାଯାଇଥିବା ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ପଦକ୍ଷେପ ମାଧ୍ୟମରେ ଗତ ୮ ମାସରେ ୬୭ ହଜାରରୁ ଅଧିକ ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ କରାଯାଇଛି । ଇ-ବାଣିଜ୍ୟ କ୍ଷେତ୍ରରେ ୩୯ ହଜାରରୁ ଅଧିକ ଅଭିଯୋଗ ସମାଧାନ କରାଯିବା ସହ ପ୍ରାୟ ୩୨ଟି କୋଟି ଟଙ୍କା ଫେରସ୍ତ କରାଯାଇଥିବା ମନ୍ତ୍ରଣାଳୟ କହିଛି । ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ କ୍ଷେତ୍ରରେ ସମଗ୍ର ଦେଶରେ ଏହି ହେଲ୍ପଲାଇନ୍

ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ୧୭ଟି ଭାଷାରେ ଉପଲବ୍ଧ ହେଉଥିବା ଏହି ଟୋଲ୍‌ଫ୍ରି ହେଲ୍ପଲାଇନ୍ ନମ୍ବର – ୧୯୧୫ ମାଧ୍ୟମରେ ଉପଭୋକ୍ତା ସେମାନଙ୍କର ଅଭିଯୋଗ ପଞ୍ଜିକୃତ କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି ।

## ଜିତେନ୍ଦ୍ର-ପିଆର୍‌ସି ୱାର୍କସପ୍

ଗୋଆର ପୁନେ ଠାରେ ଆସନ୍ତା ସୋମବାରଠାରୁ କେନ୍ଦ୍ର ସରକାରୀ ଓ ବ୍ୟାଙ୍କ୍ କର୍ମଚାରୀଙ୍କ ୫୮ତମ ଅବସର ପୂର୍ବ ପରାମର୍ଶ କର୍ମଶାଳା ପି.ଆର୍.ସି. ଆରମ୍ଭ ହେବ । କାର୍ମୀକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହାକୁ ଉଦ୍‌ଘାଟନ କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି କର୍ମଶାଳାର ଆୟୋଜନ କରାଯାଇଛି । ଅବସରଜନିତ ସୁଫଳ, ସମନ୍ୱିତ ପେନସନ୍‌ଭୋଗୀ ପୋର୍ଟାଲ୍, ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଏବଂ ଏ କ୍ଷେତ୍ରରେ ଭବିଷ୍ୟତରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଏହି କର୍ମଶାଳାରେ ଅଧିବେଶନମାନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଏକ ପେନ୍‌ସନ୍‌ଭୋଗୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ମନ୍ତ୍ରଣାଳୟ କହିଛି, କର୍ମଶାଳା ଅବସରରେ ପେନସନ୍ ପ୍ରଦାନ ଆଧାରିତ ପ୍ରଦର୍ଶନୀ ମଣ୍ଡପମାନ ବ୍ୟାଙ୍କ୍ ଗୁଡ଼ିକ ପକ୍ଷରୁ ପ୍ରସ୍ତୁତ କରାଯିବ ।

## ୟୁଏସ୍-ଫ୍ଲାଇଟ୍ ଡିଲେ

ଆମେରିକା ଉତ୍ତରପୂର୍ବ ଅଞ୍ଚଳରେ ପ୍ରବଳ ଶୀତ ଓ ବରଫଝଡ଼ ଯୋଗୁଁ ବହୁ ବିମାନ ଚଳାଚଳକୁ ବାତିଲ କିମ୍ବା ବିଳମ୍ବିତ କରାଯାଇଛି । ଅବକାଶକାଳୀନ ଯାତ୍ରା ଏହାଦ୍ୱାରା ବାଧାପ୍ରାପ୍ତ ହୋଇଛି । ୧୬୦୦ ବିମାନ ବାତିଲ ଏବଂ ୭ହଜାର ୪୦୦ ବିମାନ ଚଳାଚଳ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି । ନ୍ୟୁୟର୍କ, ବୋଷ୍ଟନ୍, ସିକାଗୋ ଏବଂ ଟରୋଣ୍ଟୋ ବିମାନ ବନ୍ଦର ଗୁଡ଼ିକରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି । ନ୍ୟୁୟର୍କ ଏବଂ ଦକ୍ଷିଣାଞ୍ଚଳରେ ୯ ଇଞ୍ଚ ପର୍ଯ୍ୟନ୍ତ ତୁଷାରପାତର ଅନୁମାନ କରାଯାଇଥିଲା । ଫଳରେ ସେହି ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଥିଲା । ନ୍ୟୁୟର୍କରେ ଚଳିତ ବର୍ଷ ପ୍ରବଳ ବରଫଝଡ଼କୁ ଦୃଷ୍ଟିରେ ରଖି ତୁଷାରପାତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ବିମାନ ଉଡ଼ାଣର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ସମ୍ପୃକ୍ତ କମ୍ପାନୀ ସହିତ ଯୋଗାଯୋଗ କରିବାକୁ ଯାତ୍ରୀମାନଙ୍କୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପରାମର୍ଶ ଦିଆଯାଇଛି ।

## ରୁଷ-ୟୁକ୍ରେନ୍ ଆଟାକ୍

ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷ ପକ୍ଷରୁ ହୋଇଥିବା ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୭ ଜଣ ଆହତ ହୋଇଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ଆସନ୍ତାକାଲି

ଫ୍ଲୋରିଡ଼ା ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିବାର କାର୍ଯ୍ୟସୂଚୀ ରହିଥିବା ବେଳେ ରୁଷ ପକ୍ଷରୁ ଏଭଳି ଆକ୍ରମଣକୁ ଗୁରୁତ୍ୱ ଦିଆଯାଇଛି । ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ଆଜି ଏ ସମ୍ପର୍କରେ ସୂଚନା ଦେଇ କହିଛି, କିଞ୍ଜାଲ୍ ହାଇପୋର୍‌ସୋନିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଧ୍ୟମରେ ଏହି ଆକ୍ରମଣ କରାଯାଇଛି । ୟୁକ୍ରେନ୍‌ର ଭିତ୍ତିଭୂମି କ୍ଷେତ୍ର ଏବଂ ସାମରିକ ଶିଳ୍ପ ସଂସ୍ଥାକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ରୁଷରେ ସର୍ବସାଧାରଣ ସ୍ଥାନରେ ୟୁକ୍ରେନ୍ ଆକ୍ରମଣ ଜବାବରେ ରୁଷ ଏହି ପଦକ୍ଷେପ ଗ୍ରହଣ କରିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନେସ୍କି କହିଛନ୍ତି, ଗତ ରାତିରେ ରୁଷର ଏହି ଆକ୍ରମଣରେ କିଭ୍‌ର କେତେକ ଅଞ୍ଚଳରେ ବିଦ୍ୟୁତ୍ ସରୋବରାହ ବାଧାପ୍ରାପ୍ତ ହୋଇଛି ।

# ସୁଟିଂ ଚାମ୍ପିୟନ୍‌ସିପ୍

ଜାତୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାର ମହିଳା ୫୦ ମିଟର ଥ୍ରୀ ପୋଜିସନ୍ ବର୍ଗରେ କର୍ଣ୍ଣାଟକର ତିଲୋତ୍ତମା ସେନ୍ ଟାଇଟଲ ହାସଲ କରିଛନ୍ତି । ଭୋପାଳର ମଧ୍ୟପ୍ରଦେଶ ଷ୍ଟେଟ୍ ସୁଟିଂ ଏକାଡେମୀଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ତିଲୋତ୍ତମା ୪୬୬ ଦଶମିକ୍ ୯ ପଏଣ୍ଟ

ହାସଲ କରିଛନ୍ତି । ଏଥିସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ସେ ନିଜର ସ୍ଥାନ ପକ୍କା କରିଛନ୍ତି ।

## ଦୀପ୍ତି ଶର୍ମା

ଭାରତର ଆନ୍ତର୍ଜାତିକ ମହିଳା କ୍ରିକେଟ୍ ଖେଳାଳି ଦୀପ୍ତି ଶର୍ମା ବିଶ୍ୱର ତୃତୀୟ ସର୍ବାଧିକ ଓ୍ୱିକେଟ୍ ହାସଲ କରିଥିବା ଖେଳାଳି ହୋଇଛନ୍ତି । ତିରୁବନନ୍ତପୁରମ୍‌ଠାରେ ଅନୁଷ୍ଠିତ ଭାରତ-ଶ୍ରୀଲଙ୍କା ଚଳିତ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ପରେ ଦୀପ୍ତି ଏହି ସଫଳତା ପାଇଛନ୍ତି । ପ୍ରତିଯୋଗିତାରେ ୧୮ ରନ୍ ବିନିମୟରେ ସେ ତିନୋଟି ଓ୍ୱିକେଟ୍ ହାସଲ କରି ମୋଟ୍ ଓ୍ୱିକେଟ୍ ସଂଖ୍ୟା ୩୩୩କୁ ବୃଦ୍ଧି କରିଛନ୍ତି । ଏପରିକି ଟି-ଟ୍ୱେଣ୍ଟି କ୍ରିକେଟ୍ ଇତିହାସରେ ପୁରୁଷ ଏବଂ ମହିଳା ବର୍ଗରେ ମୋଟ୍ ୧୫୦ଟି ଓ୍ୱିକେଟ୍ ହାସଲ କରି ଦୀପ୍ତି ଶର୍ମା ପ୍ରଥମ ଭାରତୀୟ ହୋଇଛନ୍ତି । ଅଷ୍ଟ୍ରେଲିଆର ମେଗାନ୍‌ସ୍କଟ୍ ୧୫୧ଟି ଓ୍ୱିକେଟ୍ ନେଇଛନ୍ତି । ଟି-ଟ୍ୱେଣ୍ଟିରେ ୧ ହଜାର ରନ୍ ଏବଂ ଦେଢ଼ ଶହ ଓ୍ୱିକେଟ୍ ଅକ୍ତିଆର କରିଥିବା ପ୍ରଥମ ଭାରତୀୟ ଖେଳାଳି ମଧ୍ୟ ଦୀପ୍ତି ଶର୍ମା ହୋଇଛନ୍ତି । ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ଦୀପ୍ତି ୧୬୨ଟି ଓ୍ୱିକେଟ୍ ହାସଲ କରିଛନ୍ତି । ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଓ୍ୱିକେଟ୍ ହାସଲ କରିବାରେ ସେ ଝୁଲଣ ଗୋସ୍ୱାମୀଙ୍କ ପରେ ଦେଶର ଦ୍ୱିତୀୟ ମହିଳା କ୍ରିକେଟ୍‌ର ହୋଇଛନ୍ତି । ୫ଟି ଟେଷ୍ଟ ମ୍ୟାଚ୍ ଖେଳି ଦୀପ୍ତି ୨୦ଟି ଓ୍ୱିକେଟ୍ ହାସଲ କରିଛନ୍ତି ।

# ଆଇଏମ୍‌ଡି-ଓ୍ୱେଦର୍

ବିହାର, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ, ହିମାଚଳପ୍ରଦେଶ ଓ ପଞ୍ଜାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଅନ୍ୟ ପକ୍ଷରେ ଉତ୍ତରପୂର୍ବ ଭାରତ, ଓଡ଼ିଶା, ପଶ୍ଚିମବଙ୍ଗର ହିମାଳୟ ପାଦଦେଶ ଅଞ୍ଚଳ, ସିକ୍କିମ୍ ଏବଂ ଉତ୍ତରାଖଣ୍ଡର କେତେକ ଅଞ୍ଚଳରେ ଆସନ୍ତା ପହିଲା ପର୍ଯ୍ୟନ୍ତ ଘନ କୁହୁଡ଼ି ଦେଖାଦେଇପାରେ । ବିଭାଗ କହିଛି, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ବିହାର ଏବଂ ଉତ୍ତରାଖଣ୍ଡରେ ଆସନ୍ତାକାଲି ପ୍ରବଳ ଥଣ୍ଡା ଅନୁଭୂତ ହେବ । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି ।

ଅନ୍ୟ ପକ୍ଷରେ ଦିଲ୍ଲୀ ଏନ୍.ସି.ଆର୍. ଅଞ୍ଚଳରେ ବାୟୁ ଗୁଣବତ୍ତା ଅତ୍ୟନ୍ତ ଖରାପ ବର୍ଗରେ ପଞ୍ଜିକୃତ ହୋଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦେଇଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ଗୋଟାଏ ସୁଦ୍ଧା ଜାତୀୟ ରାଜଧାନୀ ଅଞ୍ଚଳରେ ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ୩୭୧ ରେକର୍ଡ଼ କରାଯାଇଛି ।